# NATIONAL NEWS BULLETIN (ODIA)

**31 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ

- ମାଲେଗାଓଁ ବିସ୍ଫୋରଣ ମାମଲାରେ ସମସ୍ତ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

- ଆସନ୍ତା ଶନିବାର ଦିନ ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର କିସ୍ତି ପ୍ରଦାନ କରିବେ ପ୍ରଧାନମନ୍ତ୍ରୀ

- ଫିଲିପାଇନ୍ସ ରାଷ୍ଟ୍ରପତିଙ୍କ ଆସନ୍ତା ୪ ତାରିଖଠାରୁ ୫ ଦିନିଆ ଭାରତ ଗସ୍ତ

ଏବଂ

- ଆଣ୍ଡରସନ-ତନ୍ଦୁଲକର ଟେଷ୍ଟ ସିରିଜ୍‌ର ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ଆଜିଠାରୁ ଓଭାଲ୍‌ଠାରେ ଖେଳାଯିବ ।

## ଏଲଏସ୍-ଆର୍‌ଏସ୍ : ଆଡ୍‌ଜର୍ଣ୍ଣ

ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନର ଅଧିବେଶନ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ପୂର୍ବାହ୍ଣ ୧୧ଟାରେ ରାଜ୍ୟସଭା ଅଧିବେଶନ ଆରମ୍ଭ ହେବା ପରେ ନିସାର ଉପଗ୍ରହର ସଫଳ ଉତ୍‌କ୍ଷେପଣ ନେଇ ଗୃହରେ ବୈଜ୍ଞାନିକଙ୍କୁ ଅଭିନନ୍ଦନ

ଜଣାଯାଇଥିଲା । ଉପାଧ୍ୟକ୍ଷ ହରିବଂଶ କହିଥିଲେ, ବିଭିନ୍ନ ପ୍ରସଙ୍ଗ ନେଇ ରାଜନୈତିକ ଦଳଗୁଡ଼ିକ ଠାରୁ ୨୮ଟି ମୁଲତବୀ ନୋଟିସ୍ ହସ୍ତଗତ ହୋଇଛି । ତେବେ ଏହି ନୋଟିସ୍‌ଗୁଡ଼ିକୁ ଆଲୋଚନା ପାଇଁ ଗ୍ରହଣ କରିବାକୁ ସେ ପ୍ରତ୍ୟାଖ୍ୟାନ କରିଦେଇଥିଲେ । ପୂର୍ବ ନିଷ୍ପତ୍ତି ଆଧାରରେ ଏହି ନୋଟିସ୍‌କୁ ଅଗ୍ରାହ୍ୟ କରାଯାଇଥିବା ଶ୍ରୀ ହରିବଂଶ ସ୍ପଷ୍ଟ କରିଥିଲେ । ଏହା ପରେ ଉପାଧ୍ୟକ୍ଷ ଶୂନ୍ୟକାଳ ଆରମ୍ଭ କରିବାକୁ ସବୁ ଦଳର ସହଯୋଗ କାମନା କରିଥିଲେ ।

ତେବେ ବିରୋଧୀ ସଦସ୍ୟମାନେ ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରତ୍ୟାହାର ଦାବି କରି ଗୃହରେ ହଟ୍ଟଗୋଳ ଆରମ୍ଭ କରିଥିଲେ । ପରିସ୍ଥିତିକୁ ଦୃଷ୍ଟିରେ ରଖି ଶ୍ରୀ ହରିବଂଶ ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ । ଏହାପରେ ଗୃହର ବୈଠକ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ପୁନର୍ବାର ହଟ୍ଟଗୋଳ କରିଥିଲେ । ଗୃହରେ ଅଧ୍ୟକ୍ଷତା କରୁଥିବା ଘନଶ୍ୟାମ ତିୱାରୀ ପ୍ରଶ୍ନକାଳ ଆରମ୍ଭ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା । ଫଳରେ ଶ୍ରୀ ତିୱାରୀ ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି ।

ଲୋକସଭାରେ ମଧ୍ୟ ଆଜି ପୂର୍ବାହ୍ନ ୧୧ଟାରେ ଅଧିବେଶନ ଆରମ୍ଭ ହେବା ପରେ ବାଚସ୍ପତି ଓମ୍ ବିର୍ଲା ନିସାର୍ ଉପଗ୍ରହର ସଫଳ ଉତ୍କ୍ଷେପଣ ନେଇ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ।

**V/O (Birla)**

ଏହା ପରେ ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଚାଲିଆସି ବିଭିନ୍ନ ପ୍ରସଙ୍ଗ ନେଇ ହଟ୍ଟଗୋଳ ଆରମ୍ଭ କରିଥିଲେ ।

ବାଚସ୍ପତି ସେମାନଙ୍କୁ ନିଜ ଆସନକୁ ଫେରିଯିବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିଥିଲେ । ଫଳରେ ଶ୍ରୀ ବିର୍ଲା ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି ।

## ମାଲେଗାଓଁ ବ୍ଲାଷ୍ଟ୍

୨୦୦୮ ମାଲେଗାଓଁ ବିସ୍ଫୋରଣ ମାମଲାରେ ମୁମ୍ବାଇର ସ୍ୱତନ୍ତ୍ର ଏନ୍.ଆଇ.ଏ. କୋର୍ଟ ଆଜି ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ବିଜେପି ସାଂସଦ ପ୍ରଜ୍ଞା ଠାକୁର ଓ ଲେଫ୍ଟନାଣ୍ଟ କର୍ଣ୍ଣେଲ ପ୍ରସାଦ ପୁରୋହିତଙ୍କ ସମେତ ୭ଜଣ ଏହି ମାମଲାରେ ଅଭିଯୁକ୍ତ ଥିଲେ । କୋର୍ଟ ତାଙ୍କ ରାୟରେ କହିଛନ୍ତି, ଅଭିଯୁକ୍ତଙ୍କ ବିରୁଦ୍ଧରେ ମାମଲା ପ୍ରମାଣ କରିବାରେ ଅଭିଯୋଗକାରୀ ବିଫଳ ହୋଇଛନ୍ତି । ସନ୍ଦେହାତ୍ମକ ପରିସ୍ଥିତିର ଫାଇଦା ଅଭିଯୁକ୍ତ ସପକ୍ଷରେ ଯିବ ବୋଲି କୋର୍ଟ ସ୍ପଷ୍ଟ କହିଛନ୍ତି । ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ ଏହି ମାମଲା ପାଇଁ ପ୍ରଯୁଜ୍ୟ ନୁହେଁ ବୋଲି କୋର୍ଟ କହିଛନ୍ତି । ମାମଲାରେ କୋର୍ଟ କ୍ଷତିପୂରଣ ପ୍ରଦାନ କରିବାକୁ ମହାରାଷ୍ଟ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କୁ ୫୦ ହଜାର ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରିବାକୁ କୋର୍ଟ କହିଛନ୍ତି ।

ମାଲେଗାଓଁ ସହରରେ ୨୦୦୮ ମସିହା ସେପ୍ଟେମ୍ବର ୨୯ ତାରିଖରେ ଏକ ମସ୍‌ଜିଦ୍ ନିକଟରେ ବିସ୍ଫୋରକ ସାମଗ୍ରୀ ଥିବା ଏକ ମୋଟରସାଇକେଲରେ ବିସ୍ଫୋରଣ ହେବାରୁ ୬ ଜଣଙ୍କର ମୃତ୍ୟୁ ହେବା ସହ ୯୫ ଜଣ ଆହତ ହୋଇଥିଲେ ।

## ପିଏମ୍-ଉଦ୍ଧମ ସିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶହୀଦ ଉଦ୍ଧମ ସିଂଙ୍କ ପୁଣ୍ୟତିଥି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଶହୀଦ ଉଦ୍ଧମ ସିଂ ଦେଶମାତୃକାର ଜଣେ ବୀର ସନ୍ତାନ ଥିଲେ । ତାଙ୍କର ଦେଶପ୍ରେମ ଏବଂ ସାହସିକତା ଦେଶବାସୀଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଶିବରାଜ- ପିଏମ୍ କିଶାନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଶନିବାର ଦିନ ପ୍ରଧାନମନ୍ତ୍ରୀ କିଶାନ୍ ସମ୍ମାନନିଧି ଯୋଜନାର ବିଂଶତମ କିସ୍ତି ପ୍ରଦାନ କରିବେ । ଗତକାଲି ନୂଆଦିଲ୍ଲୀ ଠାରେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ୍ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରୁ ଏହି ସୂଚନା ମିଳିଛି । ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଚୌହାନ କହିଛନ୍ତି, ଉତ୍ତରପ୍ରଦେଶର ବାରାଣାସୀ ଠାରେ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟ ସମାରୋହରେ ପ୍ରଧାନମନ୍ତ୍ରୀ ଯୋଗଦେଇ ଏହି କିସ୍ତି ପ୍ରଦାନ କରିବେ ।

**V/O-Sivraj Singh**

## ଫିଲିପାଇନ୍ସ-ପ୍ରେଜ୍ ଇଣ୍ଡିଆ ଭିଜିଟ୍

ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଣ୍ଡ ଆର୍. ମାର୍କୋସ୍ ଆସନ୍ତା ୪ ତାରିଖରୁ ଭାରତକୁ ୫ ଦିନିଆ ଗସ୍ତରେ ଆସିବେ । ତାଙ୍କ ସହ ଫିଲିପାଇନ୍ସର ପ୍ରଥମ ମହିଳା ମିସ୍ ଆରାନେଟା ମାର୍କୋସ୍ ଏବଂ ମନ୍ତ୍ରିମଣ୍ଡଳର ସଦସ୍ୟ ତଥା ଗଣମାଧ୍ୟମ ଓ ବରିଷ୍ଠ ଅଧିକାରୀଙ୍କ ଏକ

ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଏହି ଗସ୍ତରେ ଆସୁଛନ୍ତି । ଫିଲିପାଇନ୍ସର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ମାର୍କେସ୍‌ଙ୍କର ଏହା ପ୍ରଥମ ଭାରତ ଗସ୍ତ । ଗସ୍ତ ଅବସରରେ ଶ୍ରୀ ମାର୍କୋସ୍ ଆସନ୍ତା ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମଧ୍ୟ ଶ୍ରୀ ମାର୍କୋସ୍ ସାକ୍ଷାତ କରିବାର କାର୍ଯ୍ୟସୂଚୀ ରହିଛି ।

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କରଙ୍କ ସହ ରାଷ୍ଟ୍ରପତି ଶ୍ରୀ ମାର୍କୋସ୍ ଦ୍ୱିପାକ୍ଷିକ ବୈଠକରେ ଯୋଗଦେବେ । ଆସନ୍ତା ୮ ତାରିଖରେ ଫିଲିପାଇନ୍ସ ଫେରିବା ପୂର୍ବରୁ ରାଷ୍ଟ୍ରପତି ଶ୍ରୀ ମାର୍କୋସ୍ ବେଙ୍ଗାଲୁରୁ ଯିବାର କାର୍ଯ୍ୟସୂଚୀ ରହିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ଭାରତର ପୂର୍ବ ନୀତି, ସାମୁଦ୍ରିକ ସହଯୋଗ ଏବଂ ଭାରତ-ପ୍ରଶାନ୍ତ ମହାସାଗର ଦୃଷ୍ଟିକୋଣରୁ ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧି  ଶ୍ରୀ ମାର୍କୋସଙ୍କ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ।

## ଅରୁଣାଚଳ-ଅର୍କିଡ୍

ଅରୁଣାଚଳ ପ୍ରଦେଶରେ ଅର୍କିଡ୍ ମିଶନକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଆନ୍ତର୍ଜାତିକ ସହଯୋଗ ମାଧ୍ୟମରେ ଏହି ମିଶନ ଗତିଶୀଳ କରିବା ପାଇଁ ଅରୁଣାଚଳ ପ୍ରଦେଶ ମୁଖ୍ୟ ସଚିବ ମନୀଷ କୁମାର ଗୁପ୍ତା ଥାଇଲ୍ୟାଣ୍ଡରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ନାଗେଶ ସିଂଙ୍କ ଆଲୋଚନା କରିଛନ୍ତି । ଆଭାଷୀ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ଅର୍କିଡ୍ ଚାଷ ନେଇ ସମ୍ଭାବ୍ୟ ସହଭାଗିତା ଉପରେ ବିସ୍ତୃତ ଆଲୋଚନା ହୋଇଛି । ଏହି ମିଶନ ପାଇଁ ଥାଇଲ୍ୟାଣ୍ଡ୍ ନିବେଶକଙ୍କୁ ଆକର୍ଷିତ କରିବା, ଉଚ୍ଚମାନର ଚାରା ସଂଗ୍ରହ ଏବଂ ବୈଜ୍ଞାନିକ ସହଯୋଗ ତଥା ବାଣିଜ୍ୟିକ ସହଭାଗିତା ନେଇ ରାଜ୍ୟ ସରକାର ଥାଇଲ୍ୟାଣ୍ଡ୍‌ରେ ଅବସ୍ଥାପିତ ଭାରତର ଉଚ୍ଚାୟୁକ୍ତଙ୍କ ସହଯୋଗ କାମନା

କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମୁଖ୍ୟ ସଚିବ ଶ୍ରୀ ଗୁପ୍ତା କହିଛନ୍ତି, କୃଷିଜୀବୀ, ସ୍ୱୟଂସହାୟକ ଗୋଷ୍ଠୀ ଏବଂ ଚାଷୀ ଉତ୍ପାଦକ ସଂଗଠନକୁ ଅଧିକ ସୁଦୃଢ଼ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଏଭଳି ପଦକ୍ଷେପ ଅରୁଣାଚଳ ପ୍ରଦେଶରେ ନିରନ୍ତର ଜୀବିକା ସୃଷ୍ଟି କରିବା ସହିତ ରାଜ୍ୟକୁ ଅର୍କିଡ୍‌ର ଏକ ପ୍ରମୁଖ ପେଣ୍ଠସ୍ଥଳ ଭାବେ ସ୍ଥାନୀତ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀଗୁପ୍ତା କହିଛନ୍ତି ।

## ଲଦାଖ-ଇଣ୍ଡସ ରିଭର

ଜଳ ପ୍ରଦୂଷଣକୁ ପ୍ରତିହତ କରିବା ଏବଂ ସିନ୍ଧୁନଦୀ ସଂରକ୍ଷଣକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଆସନ୍ତାମାସ ୧୨ ତାରିଖରେ ଲଦାଖଠାରେ ସଫାଇ ଆନ୍ଦୋଳନ ଦିବସ ପାଳନ କରାଯିବ । ସରକାରୀ କାର୍ଯ୍ୟାଳୟ, ସମାଜର ବିଭିନ୍ନ ବର୍ଗର ଲୋକ, ଭାରତୀୟ ସେନା, ସୀମା ସଡ଼କ ସଂଗଠନ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଏବଂ ଛାତ୍ରଛାତ୍ରୀମାନେ ଏଥିରେ ଅଂଶ ଗ୍ରହଣ କରି ସିନ୍ଧୁନଦୀ ଏବଂ ଏହାର ଉପନଦୀ ଗୁଡ଼ିକର ସଫେଇ କରିବେ ।

ଜଳପ୍ରଦୂଷଣ ହ୍ରାସ ଏବଂ ଜଳ ସଂରକ୍ଷଣକୁ ଏକ ଗଣଆନ୍ଦୋଳନରେ ପରିଣତ କରିବା ଲକ୍ଷ୍ୟ ନେଇ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ, ମିଶନ ସିନ୍ଧୁ ସଫେଇ ଆନ୍ଦୋଳନ ଅଧୀନରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ଏ ଦିଗରେ ଜନସଚେତନତା ସୃଷ୍ଟି ନେଇ ବିଭିନ୍ନ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଛି । ସିନ୍ଧୁନଦୀ ଜଳ ପରୀକ୍ଷଣରେ ଆର୍ସେନିକ୍ ଚିହ୍ନଟ ହେବା ପରେ ଜଳର ଗୁଣବତ୍ତା ନେଇ ଚିନ୍ତା ପ୍ରକଟ କରାଯିବା ସହ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଆମ ସମ୍ବାଦଦାତା କହିଛନ୍ତି ।

## ବ୍ୟାଙ୍କିଙ୍ଗ୍ ଲ

ବ୍ୟାଙ୍କିଙ୍ଗ୍ ନିୟମ ସଂଶୋଧନ୍ ଆଇନ୍ ୨୦୨୫ ଆସନ୍ତାକାଲି ଠାରୁ ଲାଗୁ ହେବ । ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଶାସନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହିତ ପୁଞ୍ଜିନିବେଶକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି ଆଇନ୍ ପ୍ରଣୟନ କରାଯାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ସୂଚନା ଦେଇଛି । ଏହି ଆଇନ୍ ସମ୍ପର୍କିତ ବିଜ୍ଞପ୍ତି ଚଳିତ ବର୍ଷ ଏପ୍ରିଲ୍ ୧୫ ତାରିଖରେ ପ୍ରକାଶ ପାଇଥିଲା ବୋଲି ମନ୍ତ୍ରଣାଳୟ କହିଛି ।

---

## କ୍ରିକେଟ୍

ଆଣ୍ଡରସନ୍-ତେନ୍ଦୁଲକର ଟେଷ୍ଟ ସିରିଜ୍‌ର ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ଆଜିଠାରୁ ଲଣ୍ଡନର ଓଭାଲ ଠାରେ ଆରମ୍ଭ ହେବ । ଏହି ମ୍ୟାଚ୍ ଭାରତୀୟ ସମୟ ଅପରାହ୍ଣ ସାଢ଼େ୩ଟାରୁ ଆରମ୍ଭ ହେବ । ଏହି ସିରିଜ୍‌ରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି । ଆହତ ରିଷଭ ପନ୍ତଙ୍କ ସ୍ଥାନରେ ଭାରତୀୟ ଦଳରେ ଧ୍ରୁବ୍ ଜୁରେଲ ଖେଳିବାର ସମ୍ଭାବନା ରହିଛି । ଇଂଲଣ୍ଡ ଦଳରେ ମଧ୍ୟ କେତେକ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି । ତେଣୁ ଏହି ମ୍ୟାଚ୍‌ଟିରେ ବିଜୟୀ ହୋଇ ଭାରତ ସିରିଜ୍ ବରାବର କରିବାକୁ ଚେଷ୍ଟା କରିବ । ତେବେ ଇଂଲଣ୍ଡ ଏହି ମ୍ୟାଚ୍ ଜିତି ସିରିଜ୍ ହାତେଇବାକୁ ପ୍ରଚେଷ୍ଟା କରିବାର ଆଶା କରାଯାଉଛି ।

---

## କ୍ରିକେଟ୍-ୟୁ୧୯

୧୯ ବର୍ଷରୁ କମ୍ ଭାରତୀୟ ପୁରୁଷ କ୍ରିକେଟ୍ ଦଳର ଆସନ୍ତା ସେପ୍ଟେମ୍ବର ମାସ ୨୧ ତାରିଖରୁ ଅଷ୍ଟ୍ରେଲିଆ ଗସ୍ତ ଆରମ୍ଭ ହେବ । ଆୟୁଷ ମାହାତ୍ରେଙ୍କ ନେତୃତ୍ୱରେ ଭାରତୀୟ ଦଳ ସେଠାରେ ୩ଟି ଏକଦିବସୀୟ ମ୍ୟାଚ୍ ଏବଂ ୨ଟି ଚତୁର୍ଦ୍ଦିବସୀୟ ମ୍ୟାଚ୍ ଖେଳିବ । ଏହି ଦଳରେ ଭିହାନ୍ ମାଲହୋତ୍ରା ଉପଅଧିନାୟକ ଦାୟିତ୍ୱ

ନିର୍ବାହ କରୁଥିବା ବେଳେ ବୈଭବ ସୂର୍ଯ୍ୟବଂଶୀ ଅନ୍ୟତମ ସଦସ୍ୟ ଭାବେ ସାମିଲ ଅଛନ୍ତି ।